## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି



ବୋରିଗୁମ୍ମା ୧୮।୫(ସମିସ): ବୋରିଗୁମ୍ମା ବ୍ଲକ୍ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାର ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ମିଳିତ ଭାବେ ଜନଶୁଣାଣି କରିଥିଲେ। ଜନଶୁଣାଣିରେ ମୋଟ ୪୧ ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୧ ଟି ଅଭିଯୋଗ ବ୍ୟକ୍ତିଗତ ରହିଥିବା ବେଳେ ୨୦ଟି ଅଭିଯୋଗ ସାମୂହିକ ରହିଥିଲା। ଶେଷରେ ଜିଲ୍ଲାପାଳ ୨୮ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ କୋଟି ୫୮ ଲକ୍ଷ ୫୦ ହଜାର ଟଙ୍କା ଋଣ ପ୍ରଦାନ କରିଥିଲେ। ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ, ତହସିଲଦାର ଶୋଭନ କୁମାର ବେହେରା, ବ୍ଲକ୍ ଅଧ୍ୟକ୍ଷା ଦିପ୍ତୀମୟୀ ନାୟକ, ପୁଲିସ ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା, ଥାନା ଆଇଆଇସି ରାମାନନ୍ଦ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନଶୁଣାଣିରେ ଉପସ୍ଥିତ ଥିଲେ।

# ଜିଲ୍ଲା ବିଜୁ ମହିଳା ଜନତା ଦଳର ନାରୀ ଅଧିକାର ଅଭିଯାନ

କୋରୁକୋଣ୍ଡା, ୧୮।୫(ସମିସ): ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ତରଫରୁ ଆଜି ଚିତ୍ରକୋଣ୍ଡା ବ୍ଲକର ବଡ଼ ପଦର ଗ୍ରାମରେ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲଙ୍କ ନେତୃତ୍ୱ ତଥା ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ।ରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗଦେଇ ବିଜେପି ସରକାରଙ୍କ ବିରୁଦ୍ଧରେ ବର୍ଷିଥିଲେ। ଆଜିର କାର୍ଯ୍ୟକ୍ରମରେ ୫୦ ଜଣରୁ ଅଧିକ କଂଗ୍ରେସ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ତରଫରୁ ଚିତ୍ରକୋଣ୍ଡା ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ



ପାର୍ଲାମେଣ୍ଟରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଅଧିନିୟମର ତ୍ୱରିତ କାର୍ଯ୍ୟାନ୍ୱୟନ ଓ ମହିଳାମାନଙ୍କ ପ୍ରତି ବଢିଚାଲିଥିବା ନିର୍ଯାତନାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ପାଇଁ ଏକ ଦାବିପତ୍ର ପ୍ରଦାନ କରଯାଇଥିଲା। ଗତ କିଛି ଦିନ ଧରି ସାରା ଦେଶରେ ମହିଳା ସଂରକ୍ଷଣକୁ ନେଇ ଜୋରରେ ପ୍ରଚାର ଚାଲିଛି। ପାର୍ଲାମେଣ୍ଟରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ସବୁଆଡେ ନାରୀ ଅଧିକାର ଓ ସଶକ୍ତିକରଣର ବଡ ବଡ ଭାଷଣବାଜି ଚାଲିଛି। କିନ୍ତୁ ପ୍ରକୃତରେ ମହିଳାମାନଙ୍କ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଆଜି ମଧ ବଡ ପ୍ରଶ୍ନବାଚୀ ହୋଇ ରହିଛି। ନାରୀମାନଙ୍କର ଅଧିକାର ପାଇଁ ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ। ପଞ୍ଚାୟତରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରି କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଯାଇଛନ୍ତି। ବିଜୁ ବାବୁଙ୍କ ଆଦର୍ଶରେ ନବୀନ ବାବୁଙ୍କ ସରକାର ପଞ୍ଚାୟତରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିବା ନେଇ ଦଳୀୟ ନେତା ମାନେ ପ୍ରକାଶ କରିଥିଲେ। ତେବେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଉଭୟ ଲୋକସଭା ଓ ବିଧାନସଭାରେ ତୁରନ୍ତ ଲାଗୁ କରିବା, ବର୍ତ୍ତମାନ ଲୋକସଭାରେ ସ୍ଥାନ ସଂଖ୍ୟା ଭିତ୍ତିରେ ଏହି ୩୩ ପ୍ରତିଶତ ସଂରକ୍ଷଣ ମହିଳାଙ୍କୁ ଦେବା, ସୀମା ନିର୍ଦ୍ଧାରଣ ବିଲ୍ ସହିତ ମହିଳା ସଂରକ୍ଷଣକୁ ଯୋଡି ମହିଳାଙ୍କ ଭିତରେ ବିଭ୍ରାନ୍ତି ସୃଷ୍ଟି ନକରିବା, ଓଡିଶା ଆଜି ମହିଳା ହିଂସା ଓ ଅପରାଧର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ଏହା ଉପରେ ରୋକ ଲଗାଇବା ଦିଗରେ ସରକାର ଦୃଷ୍ଟି ଦେବା ପାଇଁ ବିଜୁ ଜନତା ଦଳର ନେତୃ ମଣ୍ଡଳୀ ପ୍ରକାଶ କରିବା ସହ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳର ସମସ୍ତ କର୍ମକର୍ତ୍ତା ଯୋଗ ଦେଇ ଥିବା ବେଳେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ନେତୃମଣ୍ଡଳୀ ଯୋଗ ଦେଇଥିଲେ।

## ଜିଲ୍ଲାପାଳ, ଏଏସ୍ପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୧୮।୫(ସମିସ): ସୋମବାର ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ ପରିସର ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଡ ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବି ଡି ଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଜିର ଆୟୋଜିତ ଏହି ଜନ ଶୁଣାଣି ଶିବିରରେ ମୋଟ ୨୩ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଏହି ଅବସରରେ ଜନଜାତି ସମ୍ପ୍ରଦାୟର ସାମୁହିକ ଉନ୍ନତି, ସଶକ୍ତି କରଣ , ଐତିହ ସମୃଦ୍ଧି ଏବଂ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଜନ ଜାତିୟ ଗରିମା ଉତ୍ସବ ୨୦୨୬ ଅନ୍ତର୍ଗତ ଜନ ଭାଗିଦାରୀ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଜନ ଭାଗିଦାରୀ “ସବୁଠାରୁ ଦୂର ସର୍ବପ୍ରଥମେ’ ବିଶେଷ ସଚେତନତା କାର୍ଯକ୍ରମ ଆଜିଠାରୁ ମେ ମାସ ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ। ଚିହ୍ନଟ ଗ୍ରାମରେ ଜନଜାତି ହିତାଧିକାରୀଙ୍କ ପୂର୍ଣ୍ଣତା ଶିବିରରେ ଆଧାର କାର୍ଡ ସଂଯୋଗୀକରଣ, ରାସନ କାର୍ଡ,ଆୟୁଷ୍ମାନ ଯୋଜନା,ବ୍ୟାଙ୍କ୍ ଆକାଉଣ୍ଟ,ଜାତି ପ୍ରମାଣପତ୍ର ପ୍ରଦାନ ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ଶିକ୍ଷା,ସ୍ୱାସ୍ଥ୍ୟ,ଜୀବିକା, ପାନୀୟଜଳ,ପୋଷଣ,ସାମାଜିକ ସୁରକ୍ଷା,ଆବାସ ଗୃହ ନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

## ଜନଆକ୍ରୋଶ ମହିଳା ସମାବେଶ

ପୋଡ଼ାଗଡ଼,୧୮।୫(ସମିସ):ଦଶମନ୍ତପୁର ବ୍ଲକ ପୋଡ଼ାଗଡ ମଣ୍ଡଳ ଲୁଲା ଗ୍ରାମରେ ଜନ ଆକ୍ରୋଶ ମହିଳା ସମାବେଶ ହୋଇଯାଇଛି। ଏହି ସମାବେଶଟି ପୋଡ଼ାଗଡ ମଣ୍ଡଳ ସଭାପତି ସୀତାରାମ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାବେଶରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ ସ୍ୱାତୀ ହୋତା ଓ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ଉପସ୍ଥିତ ଥିଲେ। ଅନ୍ୟ ମାନେ ହେଲେ ଜିଲ୍ଲା ବିଜେପି ଉପ ସଭାପତି ରବିଚନ୍ଦ୍ରପାଡି ତ୍ରିନାଥ ପଣ୍ଡା ଲକ୍ଷ୍ମୀପୁର ବିଧାୟକ ପ୍ରାର୍ଥି କୟଲାସ କୁଲେଶିକା ଟୁଙ୍କୁ ଜେନା ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷ ଭଗବାନ ମୁଦୁଲି, ଉପାଧ୍ୟକ୍ଷା ସୁକାନ୍ତି ମାଝୀ, ନକୁଳ ବିଶଇ, ଲକ୍ଷ୍ମଣ ଦିସାରି, ଡିଶ ମୁଦୁଲି, ମହିଳା ନେତ୍ରୀ ସୀମା କିରଣ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶରେ ଅଞ୍ଚଳର ମହିଳା ମାନେ ସାମିଲ ହୋଇଥିଲେ। ଏହି ସମାବେଶରେ କୁମ୍ଭାର ଲୁଲାର ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଲୁଲାରେ ପହଞ୍ଚି ଥିଲା। ଲୁଲାରେ ଏକ ସାଧାରଣ ସଭା କରାଯାଇ ଶେଷ କରାଯାଇଥିଲା।

### ● ବୈପାରୀଗୁଡାର ପାଇଁ ଗର୍ବ ‘ନିହାରିକା’

## ‘ଗ୍ଲାମ୍ ଇଣ୍ଡିଆ-୨୦୨୬’ ବିଜୟ ମୁକୁଟ ହାତେଇଲେ

ବୈପାରୀଗୁଡ଼ା,୧୮।୫(ସମିସ): ଭୁବନେଶ୍ୱର ସ୍ଥିତ ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାସନାଲ ଠାରେ ଅନୁଷ୍ଠିତ ହୋଇଥିବା ‘ମିଷ୍ଟର, ମିସ୍ଆଣ୍ଡମିସେସ୍ଗ୍ଲାମଇଣ୍ଡିଆ୨୦୨୬’ରଗ୍ରାଣ୍ଡଫିନାଲେରେବିଜୟ ମୁକୁଟ ହାତେଇଛନ୍ତି ବୈପାରୀଗୁଡା ଝିଅ ନିହାରିକା ସୁନିଧି ଜେନା । ମିସ୍ ଆୟନା ରାଉତରାୟଙ୍କ ନେତୃତ୍ୱରେ ଆୟୋଜିତ ‘ମିଷ୍ଟର, ମିସ୍ ଆଣ୍ଡ ମିସେସ୍ ଗ୍ଲାମ ଇଣ୍ଡିଆ ୨୦୨୬’ର ଗ୍ରାଣ୍ଡ ଫିନାଲେରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରି-ଟିନ୍ କ୍ୟାଟେଗୋରୀରେ ବିଜେତା ହୋଇଛନ୍ତି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ସଦର ମହକୁମାର ନିରାକାର ଜେନା ଏବଂ ମାଆ କବିତା ରାଣୀ ଗିରିଙ୍କ ୧୨ବର୍ଷୀୟ ଝିଅ ନିହାରିକା ସିନିଧି ଜେନା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ଟପ୍-୫ ଫାଇନାଲିଷ୍ଟ ତଥା ପ୍ରସିଦ୍ଧ ପେଜେଣ୍ଟ ମେଣ୍ଟର କେ.ଆର. ସନ୍ତୋଷିନୀ, ବିଶିଷ୍ଟ ଓ?ଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, ଲୋକପ୍ରିୟ ଓଡ଼ିଆ କଥାଚିତ୍ର ଏବଂ ଟେଲିଭିଜନ ଅଭିନେତ୍ରୀ ଶିବାନୀ ସଙ୍ଗୀତାଙ୍କ ସମେତ ଅନ୍ୟ କଳାକାର ଏବଂ ଫେସନ ଡିଜାଇନର ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚରେ ସମସ୍ତ ପ୍ରତିଯୋଗୀଙ୍କ ମଧ୍ୟରୁ ନିହାରିକାଙ୍କ ବ୍ୟକ୍ତିତ୍ୱ ଏବଂ ଆତ୍ମବିଶ୍ୱାସ,



ଯୋଗାଯୋଗ ଶୈଳୀ,ସ୍ୱତନ୍ତ୍ର ପ୍ରତିଭା,ଫ୍ୟାଶନ୍ ଏବଂ ରନୱେ ୱାକ୍, ସାମାଜିକ ସଚେତନତା ବିଷୟରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ବେଳେ ବିଜେତା ମୁକୁଟ ହାତେଇଛନ୍ତି । ଏହି ପୁରସ୍କାରଗୁଡ଼ିକ କେବଳ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ବରଂ କିଶୋରୀମାନଙ୍କର ସର୍ବାଙ୍ଗୀନ ପ୍ରତିଭାକୁ ଆଧାର କରି ଦିଆଯାଏ। ବୈପାରୀଗୁଡା ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଗୌରବ ଆଣିଥିବା ନିହାରିକାଙ୍କୁ ଚାରିଆଡୁ ପ୍ରଶଂସା ସୁଅ ଛୁଟୁଛି। ଏନେଇ ନିହାରିକା କହିଛନ୍ତି ଯେ, ସେ ଭବିଷ୍ୟତରେ ମିସ୍ ଇଣ୍ଡିଆ କିମ୍ବା ଆନ୍ତର୍ଜାତୀୟ ସ୍ତରର ମଡେଲିଂ ଏବଂ ଅଭିନୟ କ୍ଷେତ୍ରରେ କ୍ୟାରିୟର ଗଢିବା ପାଇଁ ଚେଷ୍ଟା କରିବେ।

# ସୀମାନ୍ତ ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି ଶିବିର

ମାଥିଲି,୧୮।୫ (ସମିସ) ମାଲକାନଗିରି ଜିଲ୍ଲା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସୀମାନ୍ତ କଉାପାଲ୍ଲୀ ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶିବିରଟି ମାଥିଲି ବ୍ଲକର କଉାପାଲ୍ଲୀ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ବେଳେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲଦାର ସୁଶ୍ରୀ ମାନସୀ ଭୋଇ,ଥାନା ଅଧିକରିଣୀ ଦୀପାଞ୍ଜଳି ପ୍ରଧାନ, ଭାରପ୍ରାପ୍ତ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ତଥା ସାମାଜିକ



ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ବ୍ଲକ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର,ସିଡିପିଓ ମିନତୀ ବେହେରା,ବ୍ଲକ ସମ୍ବଳ ସଂଯୋଜକ ଅଧିକାରୀ ଦିଲ୍ଲୀପ କୁମାର ଡାକୁଆ,ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ମହାରଣା, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ନୁନାରାମ ବାସ୍କି,ଶିକ୍ଷା ବିଭାଗର ଅତିରିକ୍ତ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଳନାଥ ବିଶ୍ୱାସ,ଗ୍ରାମ୍ୟ ଗୃହ ଯୋଜନା ଅଧିକାରୀ ଭଗବାନ ପାତ୍ର, ଯୋଗାଣ ବିଭାଗର ଡାଟା ଅପରେଟର ସୁବ୍ରତ କୁମାର ଚକ୍ରବର୍ତୀ ଓ ଜଙ୍ଗଲ ବିଭାଗର ବନପାଳ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଏହି ଅବସରରେ ମୋଟ ୫୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୦ଟି ବ୍ୟକ୍ତିଗତ ଓ ସାମୂହିକ ସମସ୍ୟାର ସମାଧାନ କରିଥିଲେ। ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ବାକି ଆପତ୍ତି ଓ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

## ୪୫ ପିଆଶାଳ ପଟ୍ଟା ଜବତ

ଗୁଡ଼ାରୀ,୧୮।୫(ସମିସ): ଗୁଡ଼ାରୀ ଫରେଷ୍ଟ ରେଞ୍ଜ ପକ୍ଷରୁ ପାଟ୍ରୋଲିଙ୍ଗ ସମୟରେ ବଡ଼ ସଫଳତା ମିଳିଛି। ରେଞ୍ଜ କର୍ମଚାରୀମାନେ ପେଣ୍ଡିଲି ପଞ୍ଚାୟତ ମନ୍ତରଝୁଲି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ୪୫ଟି ପିଆଶାଳ ପଟା ଜବତ କରିଥିବା ସୂଚନା ମିଳିଛି। ଅବୈଧ ଭାବେ କାଟି ଲୁଚାଇ ରଖାଯାଇଥିବା ଏହି କାଠଗୁଡ଼ିକୁ ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ଘଟଣାସ୍ଥଳରୁ କୌଣସି ବ୍ୟକ୍ତିଙ୍କୁ ଧରାଯାଇନଥିବା ବେଳେ ଏହା ପଛରେ ଥିବା କାଠ ମାଫିଆଙ୍କୁ ଚିହ୍ନଟ କରିବା ପାଇଁ ବନ ବିଭାଗ ତଦନ୍ତ ଜାରି ରଖିଛି। ଜବତ କରାଯାଇଥିବା ପିଆଶାଳ ପଟାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଅବୈଧ କାଠ ଚୋରା ଚାଲାଣକୁ ରୋକିବା ପାଇଁ ଆଗାମୀ ଦିନରେ ପାଟ୍ରୋଲିଙ୍ଗ ଏବଂ ଚଢ଼ଉକୁ ଆହୁରି ଜୋରଦାର କରାଯିବ ବୋଲି ଗୁଡ଼ାରୀ ରେଞ୍ଜ ଅଧିକାରୀ ଗଙ୍ଗାଧର ମିଶ୍ର ସୂଚନା ଦେଇଛନ୍ତି।



## କୋଲାବ ମୁଖ୍ୟ କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଜୟପୁର, ୧୮।୫(ସମିସ) : ଜୟପୁର ସଦରଥାନା ପୁଲିସ ପକ୍ଷରୁ କୋଲାବ ମଖ୍ୟକେନାଲର ମୂଳାସର ଗ୍ରାମ ନିକଟରେ ଭାସୁଥିବା ଅବସ୍ଥାରେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛନ୍ତି। ମୃତକ ଜୟପୁର ସହରର ଢେପଗୁଡାର ବାସିନ୍ଦା ଟି. ସୁରେନ୍ଦ୍ର ବୋଲି ପୁଲିସ ଚିହ୍ନଟ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ମୃତକ ଗତ ୧୫ ତାରିଖରୁ ନିଖୋଜ ରହିଥିବା ନେଇ ପରିବାର ପକ୍ଷରୁ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହିପରି ବହୁ ସ୍ଥାନରେ ପରିବାର ପକ୍ଷରୁ ଖୋଜାଖୋଜି କରାଯାଇଥିଲା । କିନ୍ତୁ ତାଙ୍କର ସନ୍ଧାନ ମିଳିନଥିଲା। ଏହିପରି ସ୍ଥାନୀୟ ସଦରଥାନାର ମୂଳାସର ଗ୍ରାମ ନିକଟସ୍ଥ କୋଲାବ ଇରିଗେସନ ବିଭାଗର ମୁଖ୍ୟ କେନାଲରେ ଏକ ଶବ ଭାସୁଥିବା ସୂଚନା ପାଇବା ପରେ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଚିହ୍ନଟ କରିଥିଲେ। ଏଥିନେଇ ସଦରଥାନାରେ ସୂଚନା ଦେବା ପରେ ପୁଲିସ ଶବକୁ ଉଦ୍ଧାର କରିବା ସହିତ ଜବତ କରିଛନ୍ତି। ଏହିପରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଏଏସଆଇ ସନ୍ତୋଷ କୁମାର ସାହୁ ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହକୁ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରାଯାଇଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜନଆକ୍ରୋଶ ସମାବେଶ




ନାରାୟଣପଟଣା,୧୮।୫ (ସମିସ): କୋରାପୁଟ ଜିଲ୍ଲା ନାରାୟଣପଟଣା ବ୍ଲକରେ ପୂର୍ବତନ ବିଧାୟକ କୈଳାଶ କୁଲେସିକା ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ ମଣ୍ଡଳ ଅଞ୍ଚଳରେ ଏକ ବିଶାଳ ଜନ ଆକ୍ରୋଶ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳା ବିଲକୁ ବିରୋଧ କରାଯାଇଥିବା ପ୍ରସଙ୍ଗକୁ ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ, କରାଯାଇଥିଲା। ମେଡିକାଲ ଛକ ଠାରୁ ପଦଯାତ୍ରା ଆରମ୍ଭ ହୋଇ ଜଗରନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ମହିଳା ମୋର୍ଚ୍ଚାର ଶତାଧିକ କର୍ମୀ ଓ ନେତୃବୃନ୍ଦ ସାମିଲ ହୋଇ ବିରୋଧୀ ଦଳଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପୁରୁଣା ଥାନା ଛକ ଠାରେ ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ ଭାଜପା ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରାଯାଇଥିଲା। ସଂସଦରେ ମହିଳା ବିଲକୁ ବିରୋଧ କରି ମହିଳାମାନଙ୍କ ସ୍ୱାଭିମାନକୁ ଆଘାତ କରାଯାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ସମାବେଶରେ ମହିଳା ନେତ୍ରୀ ମାନେ ଉପସ୍ଥିତ ରହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପୂର୍ବତନ ବିଧାୟକ କୈଳାଶ କୁଲେସିକା, ମଣ୍ଡଳ ସଭାପତି କାଶୀନାଥ ହିକକା, ରମେଶ ଦାସ,ସୀମାଞ୍ଚଳ ନାୟକ, ଅଶୋକ ପଟ୍ଟନାୟକ, ପଶୁରାମ ତାଡିଙ୍ଗିଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଓଡ଼ିଶା ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଜିଲ୍ଲା ଦଳ ଘୋଷିତ



ନବରଙ୍ଗପୁର,୧୮।୫(ସମିସ): ଓଡ଼ିଶା ଫୁଟବଲ୍ ସଂଘ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ମହିଳା ଫୁଟବଲ୍ ପ୍ରତିଯୋଗିତା- ୨୦୨୬ ନିମନ୍ତେ ନବରଙ୍ଗପୁର ଜିଲ୍ଲା ଦଳ ଘୋଷଣା କରାଯାଇଛି। ରଜନୀ ଗଣ୍ଡଙ୍କ ନେତୃତ୍ୱରେ ଏକ ୨୨ ଜଣିଆ ଦଳ ଘୋଷଣା କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ତୁଳସା ଭତ୍ରା, ବର୍ଷା ପଣ୍ଡା, ଭାରତୀ ଗଣ୍ଡ, କାମେଲେଶ୍ୱରି ପାଙ୍ଗି, କୁଜାନ୍ତି ପୂଜାରୀ, ପୁଷ୍ପାଞ୍ଜଳି ହନ୍ତାଳ, ରଶ୍ମିତା ଗଣ୍ଡ, ଶାନ୍ତି ଗଣ୍ଡ, ଯଜ୍ଞାଶ୍ରୀ ହରିଜନ, ଅଞ୍ଜୁଳତା ଖରା, ବର୍ଷା ପ୍ରୟଦର୍ଶିନୀ ଜେନା, ଦିଶା ହୀରା, ଗାୟତ୍ରୀ ସାହୁ, ସଂସାଇ ଗଣ୍ଡ , ମନାଲି ସାହୁ, ରିଙ୍କି ପୁହାଣ, ସୁରମା ମଲିକ୍, ସନାଲି ବିଶ୍ୱାସ, ଅନିତା ସ୍ୱାଇଁ ପ୍ରମୁଖ ସ୍ଥାନ ପାଇଛନ୍ତି। ଉକ୍ତ ଦଳ ସହ କୋଚ୍ ଭାବେ ହରି ସାନ୍ତା ଏବଂ ମ୍ୟାନେଜର ଭାବେ ମନୀଷା ପଲେଇ ଗସ୍ତ କରିବେ ବୋଲି ଉକ୍ତ ଦଳର ପ୍ରଶିକ୍ଷକ କ୍ରୀଡା ଶିକ୍ଷକ ସପନ ବୈରାଗୀ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଟି ଗ୍ରୁପ୍ କରାଯାଇଛି। ଏହି ଟୁର୍ଣ୍ଣାମଣ୍ଟରେ ସର୍ବମୋଟ ୧୨ ଦଳ ଅଂଶ ଗ୍ରହଣ କରୁଥିବା ବେଳେ ନବରଙ୍ଗପୁର ଦଳ ଗ୍ରୁପ ବିରେ ସ୍ଥାନ ପାଇଛି ଏବଂ ଆସନ୍ତା ୧୯ ତାରିଖରେ ଆରମ୍ଭ ହେବାକୁ ଥିବା ଉଦ†ାଟନୀ ମ୍ୟାଚରେ ନବରଙ୍ଗପୁର ଜିଲ୍ଲା ଦଳ ଗଞ୍ଜାମ ଜିଲ୍ଲା କୁ ଭେଟିବ। ଦଳର ସଫଳତା ନିମନ୍ତେ କେବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଜିଲ୍ଲା କ୍ରୀଡା ସଂଘର ସଭାପତି ତଥା ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ, ଉପ ସଭାପତି ଏମ୍.ବାଲା କୃଷ୍ଣରାଓ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଇଣ୍ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ୍, ମହିଳା ସମ୍ପାଦିକା ଇଁ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ଅନ୍ୟ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

### ଜିଲ୍ଲା ସଙ୍କଟ ପରିଚାଳନା କମିଟିର ବୈଠକ

# ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ନେଇ ଆଲୋଚନା

ନବରଙ୍ଗପୁର,୧୮।୫(ସମିସ):

ନବରଙ୍ଗପୁର ଜିଲ୍ଲାରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣର ମହଜୁଦ ରହିଛି ଏବଂ ସ୍ଥିତି ସ୍ୱାଭାବିକ ଅଛି। ତେଣୁ ସାଧାରଣ ଖାଉଟି ଅଯଥାରେ ଆତଙ୍କିତ କିମ୍ବା ଚିନ୍ତିତ ହୋଇ ନିହାତି ଆବଶ୍ୟକତା ଠାରୁ ଅଧିକ ପେଟ୍ରୋଲ ଡିଜେଲ ମହଜୁଦ ରଖିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ନବରଙ୍ଗପୁର ଜିଲ୍ଲା ସଙ୍କଟ ପରିଚାଳନା କମିଟି ପକ୍ଷରୁ ବୈଠକରେ ସୂଚନା ଦିଆଯାଇଛି। ଏହି ପରିପେକ୍ଷିରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ପରିସର ସ୍ଥିତ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଙ୍କଟ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସିଏସ୍ଓ ଦେବାଶିଷ ମହାନ୍ତି, ଏଡିପିଏଚଓ ଡ. ମଳୟ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଯୋଗାଣ ବିଭାଗ ସୂଚନା ଅନୁଯାୟୀ ସୋମବାର




ସୁଦ୍ଧା ନବରଙ୍ଗପୁର ଜିଲ୍ଲାରେ ଏଲପିଜି ରନ୍ଧନ ଗ୍ୟାସ ୧୪.୨ କେଜି ବିଶିଷ୍ଟ ୩୨୮୮ଟି ସିଲିଣ୍ଡର ଓ ବାଣିଜ୍ୟିକ ୧୯ କେଜି ବିଶିଷ୍ଟ ୨୨୦ଟି ସିଲିଣ୍ଡର ଷ୍ଟକରେ ରହିଛି। ଯୋଗାଣ ବିଭାଗ ତରଫରୁ ସୂଚନା ଦିଆଯାଇଛି। ୭୭୫୦୦ ଲିଟର ପେଟ୍ରୋଲ ଏବଂ ୧,୮୦,୫୦୦ ଲିଟର ଡିଜେଲ ପରିବହନ ରେ ରାସ୍ତାରେ ଆସୁଛି।

### ଖାଉଟି ଆତଙ୍କିତ ନ ହେବାକୁ ପରାମର୍ଶ

୫୨୫ ଟି ସିଲିଣ୍ଡର ପରିବହନରେ ରାସ୍ତାରେ ଆସୁଛି। ସେହିପରି ଜିଲ୍ଲାରେ ପେଟ୍ରୋଲ ୩୭୨୮୪୫ ଲିଟର ଏବଂ ଡିଜେଲ ୩୨୨୨୬୨ ଲିଟର ଏବଂ ପ୍ରିମିୟମ ସ୍ପିଡ୍ ପେଟ୍ରୋଲ ୨୨୦୨୭ ଲିଟର ମହଜୁଦ ଥିବା ଜିଲ୍ଲା ତେଣୁ ଖାଉଟି ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ଓ ବୈଠକରେ ଯୋଗାଣ ବିଭାଗ ସୂଚନା ଅନୁଯାୟୀ ଜିଲ୍ଲାରେ ମୋଟ ୫୨ଟି ପେଟ୍ରୋଲ ପମ୍ପରୁ ୪୫ ଟିରେ ପେଟ୍ରୋଲ ଡିଜେଲ ମହଜୁଦ ଅଛି। ୭ଟି ପେଟ୍ରୋଲ ପମ୍ପରେ ତେଲ ନାହିଁ ଏବଂ ସେଥିରୁ ୫ ଟି ପେଟ୍ରୋଲ ପମ୍ପରେ ଆସନ୍ତା କାଲି ସୁଦ୍ଧା ପରିବହନରେ ଆସୁଥିବା ତେଲରେ ଖାଉଟିଙ୍କୁ ଆବଶ୍ୟକ ତେଲ ଯୋଗାଇ ଦିଆଯିବ। ଜିଲ୍ଲପାଳ ସିଏସଓ ଏବଂ ଏମଆଇମାନଙ୍କୁ ପ୍ରତ୍ୟେକ ପେଟ୍ରୋଲ ପମ୍ପ ପରିଦର୍ଶନ ସହ ଏଲପିଜି କଳାବଜାରୀ ତଥା ପେଟ୍ରୋଲ/ ଡିଜେଲ ଅନାବଶ୍ୟକ ମହଜୁଦ ଓ ଚୋରା ଚାଲାଣକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆମ୍ବୁଲାନ୍ସ, ପୁଲିସ, ଅଗ୍ନିଶମ, ଜରୁରୀ ବିଭାଗ, ପ୍ରଶାସନ ଅଧିକାରୀ, ଟାୱାର,ସରକାରୀ ଉନ୍ନତି ମୂଳକ ପ୍ରକଳ୍ପ ଓ କାର୍ଯ୍ୟ ପାଇଁ ଜରୁରୀ ପେଟ୍ରୋଲ ଓ ଡିଜେଲ ମହଜୁଦ ରଖିବାକୁ ଜିଲ୍ଲାପାଳ କହିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସିଡିଏଓ, ଡିଡ଼ବ୍ଲୁଓ, ଡିଆଇପିଆର୍ଓ, ଏସିଏସଓ, ଏମ୍ଆଇଙ୍କ ସମେତ ଜିଲ୍ଲାର ସମସ୍ତ ପେଟ୍ରୋଲ ଡିଜେଲ ଓ ରନ୍ଧନ ଗ୍ୟାସ କମ୍ପାନୀ ବିତରକ ଆଇଓସିଏଲ, ବିପିସିଏଲ, ଏଚ୍ପିସିଏଲ, ନାୟରା, ଜିଓର ବିତରକ ଅଧିକାରୀ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବେଆଇନ କ୍ଲିନିକ୍‌ରେ ଉପ ଜିଲ୍ଲାପାଳଙ୍କ ଚଢ଼ଉ

## ୧୩ ବର୍ଷ ଧରି ବେଆଇନ ଭାବେ ଚାଲିଥିଲା





ଗୁଡ଼ାରୀ,୧୮।୫(ସମିସ): ବିଗତ ଦିନରେ ଗୁଡାରୀରେ ବେଆଇନ କ୍ଲିନିକ୍ ଉପରେ ଉପଜିଲ୍ଲାପାଳଙ୍କ ଚଢ଼ଉ କରିବା ଫଳରେ ସେଗୁଡ଼ିକ ବନ୍ଦ ହୋଇଯାଇଥିଲା। କିନ୍ତୁ ଏବେ ପୁଣି ବେଆଇନ୍ କ୍ଲିନିକ ଗୁଡ଼ାରୀ ସହରରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ପଶ୍ଚିମବଙ୍ଗରୁ ହରିଚନ୍ଦ ସିଂହ ନାମକ ଜଣେ ବ୍ୟକ୍ତି ପ୍ରାୟ ୧୩ ବର୍ଷ ହେଲାଣି ପ୍ରଥମେ ନିଘାମନ ସାହି ବେଆଇନ କ୍ଲିନିକ୍ ଚଳାଉଥିଲେ । ବର୍ତ୍ତମାନ ନିୟୁ କଲୋନି ସାହିର ଏକ ଘର ଭିତରେ ଲୁଚିଛୁପି ଚାଲିଛି । ବେଆଇନ କ୍ଲିନିକ ଓ ସାଧାରଣ ଲୋକଙ୍କ ଜୀବନ ସହ ଖେଳ ଖେଳାଯାଉଥିବା ଭଳି ଚକିତ କଲାଭଳି ଘଟଣା ସାମ୍ନାକୁ ଆସିବା ଦେଖିବାକୁ ମିଳିଛି। ଘର ଭିତରେ ଲୁଚିଛୁପି ଭାବେ ଚାଲିଛି ବେଆଇନ କ୍ଲିନିକ୍। ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ଧରି ଏହି କ୍ଲିନିକ୍ ଚାଲୁଥିବା ସୂଚନା ମିଳିଛି। ସବୁଠାରୁ ଚିନ୍ତାଜନକ କଥା ହେଲା, କ୍ଲିନିକ୍ ଚଳାଉଥିବା ବ୍ୟକ୍ତିଜଣଙ୍କ ପାଖରେ କୌଣସି ଏମବିବିଏସ୍ ସର୍ଟିଫିକେଟ୍ ନାହିଁ। କ୍ଲିନିକ୍ ପାଇଁ ଆବଶ୍ୟକ ସରକାରୀ ଅନୁମତି ପତ୍ର କିମ୍ବା ରେଜିଷ୍ଟ୍ରେସନ୍ ସର୍ଟିଫିକେଟ୍ ମଧ୍ୟ ନାହିଁ। ତଥାପି ସେ ରୋଗୀମାନଙ୍କୁ ଚିକିତ୍ସା ଦେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଏହି କ୍ଲିନିକ୍‌ରେ ପ୍ରତିଦିନ ଅନେକ ରୋଗୀଙ୍କୁ ଚିକିତ୍ସା କରାଯାଉଛି। କିନ୍ତୁ ଡାକ୍ତରଙ୍କ ଯୋଗ୍ୟତା ଓ କ୍ଲିନିକ୍‌ର ବୈଧତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏମିତିକି କ୍ଲିନିକ ଗୁଡାରୀ ପରିଷଦ, ଡେପାଗୁଡ଼ା ଶିରିଗୁଡ଼ା ଭଳି ୯ ଗୋଟି ପଞ୍ଚାୟତରେ ବେଆଇନ କ୍ଲିନିକ୍ ଚାଲିଥିବା ସୂଚନା ମିଳିଛି। ଏହି ବିଷୟ ସାମ୍ନାକୁ ଆସିବା ପରେ ଗୁଡାରୀ ଗୋଷ୍ଠୀ ସ୍ୱସ୍ଥ୍ୟକେନ୍ଦ୍ର ଏମ୍‌ଓ ଏମ୍‌ଓ ସ୍ୱାଗତ ସ୍ୱାଇଁ, ତହସିଲଦାର ସୁଶ୍ରୀ ଏ.ସେହ୍ନଲତା ଗୁଣୁପୁର ଉପ ଜିଲ୍ଲାପାଳ ଦୁଲ୍ଲାଲ ଅଭିଶେଷ ସୋମବାର ଦିନ ଗୁଡ଼ାରୀ ବ୍ଲକ ପରିସରରେ ଥିବା ଜିଲ୍ଲା ଅଭିଯୋଗ ଶୁଣାଣି ଶେଷ କରିବା ପରେ ପରିଷଦର ନ୍ୟୁ କୋଲନୀ ଯାଇ ଚଢ଼ଉ କରିଥିଲେ। କିନ୍ତୁ ହରି ସିଂହ କୌଣସି ସୂତ୍ରରୁ ଖବର ପାଇ କ୍ଲିନିକ୍ ଫାଟକ ବନ୍ଦ କରି ପଳାୟନ କରିଛନ୍ତି। ଆଗାମୀ ଦିନରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ଜାରି ରହିବ ବୋଲି ଜଣାପଡ଼ିଛି। ଅଭିଯୁକ୍ତଙ୍କ ପାଖରେ ଉପଯୁକ୍ତ ପ୍ରମାଣପତ୍ର ନ ମିଳିଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସାଧାରଣ ଲୋକ ପ୍ରଶାସନକୁ ଦାବି କରିଛନ୍ତି।

# କୃତି ମାଟ୍ରିକ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କୋଟପାଡ଼, ୧୮।୫ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ଠାରେ କୋଟପାଡ ଚାମ୍ବର ଅଫ୍ କମର୍ସ ସଂଘ ପକ୍ଷରୁ ୧୭ ତାରିଖ ସଂଧ୍ୟାରେ ବଣ୍ଡାଗୁଡ଼ା ସ୍ଥିତ ପଟେଲ୍ ଫଙ୍କସନ ହଲ୍ ଠାରେ କୋଟପାଡ ଏନ୍‌ଏସି ଓ ବ୍ଲକ୍‌ର ଦଶମ ବୋର୍ଡ ମାଧ୍ୟମିକ ଓ ସିବିଏସ୍‌ଇ ପରୀକ୍ଷା ୨୦୨୫-୨୬ ର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ରୂପେ ମହେଶ୍ୱର ଚନ୍ଦ୍ର ନାୟକ (ରେଜିଷ୍ଟ୍ରାର, ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଜୟପୁର) ଯୋଗ ଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। କୋଟପାଡ଼ ଚାମ୍ବର ଅଫ୍ କମର୍ସର ସଭାପତି ଗଣେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟ କ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଏମ ଶଙ୍କର ରାଓ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ବରିଷ୍ଠ ଆଇନଜୀବୀ ପଙ୍କଜ ପାତ୍ର, ପୂର୍ବତନ ବିଇଓ ଗୋଦାବରୀଶ ଆଚାର୍ଯ୍ୟ, ଅବସରପ୍ରାପ୍ତ ଶିକ୍ଷକ ଅନାଦି ସାହୁ ଏବଂ ସମସ୍ତ ସାମ୍ବାଦିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହା ସହ ସମସ୍ତ କୃତୀ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା ଏବଂ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୧୭ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏଠାରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମଞ୍ଚକୁ ଡାକି ସେମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ଉପହାର ଅତିଥିଙ୍କ ଦ୍ୱାରା ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଭାବେସ ସାହୁ, ଶୁଭମ୍ ସାବତ, ଅନ୍ୱେଷା ନାୟକ, ଅଭିଜ୍ଞାନ ହୋତା, ଅନ୍ୱେଷା ଅଧିକାରୀ, ସୁଭାଶିଷ ସ୍ୱାଇଁ, ଆଶୁତୋଷ ବିଶୋଇ, ଏ ଭାନୁ ପ୍ରତାପ, ନିବେଦିତା ଜେନା, କାଞ୍ଚନ ମାଝୀ, ଶ୍ରୀକୃଷ୍ଣ ପାଢ଼ୀ, ସୁଧାଂଶୁ ଶେଖର ଭତ୍ରା , ମୌସୁମୀ ଭତ୍ରା, ବିନୋଦ ରନ୍ଧାରୀ। ଶତକଡା ୯୫.୮୦ ପ୍ରତିଶତ ରଖି ପ୍ରଥମ ସ୍ଥାନରେ ଥିବା କୃତି ଛାତ୍ରୀ ବନ୍ଦନା ପ୍ରିୟଦର୍ଶିନୀ ରଥଙ୍କୁ ଏକ ଲ୍ୟାପଟପ୍ ମଧ୍ୟ ଉପହାର ମିଳିଥିବା ବେଳେ ଦ୍ୱିତୀୟ ଓ ତୃତୀୟରେ କୃତି ଛାତ୍ରୀ ଅନୁରାଧା ମଣ୍ଡଳ ଓ ରୁନି ବିଶୋଇଙ୍କୁ ଉପହାର ଗୋଟିଏ ଗୋଟିଏ ଟ୍ୟାବ୍‌ଲେଟ ମିଳିଥିଲା। ସୂଚନା ଏହି କି ଯେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ପୁରସ୍କାର ଓ ମାନପତ୍ର ଚାମ୍ବର ଅଫ୍ କମର୍ସ ସଂଘର ଉପସଭାପତି ବି ଶଙ୍କର ରାଓ (ସାଙ୍କୁ) ପ୍ରଦାନ କରିଛନ୍ତି। ପ୍ରଥମ ଥର ପାଇଁ ଏପରି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରିଥିବା ଯୋଗୁଁ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ମଧ୍ୟ ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପଙ୍କଜ ମହାନ୍ତି ପରିଚାଳନା କରିଥିଲେ।



# ଭଞ୍ଜ ସଂସଦ ପକ୍ଷରୁ 'କାବ୍ୟାଞ୍ଜଳି ୨୦୨୬' କାର୍ଯ୍ୟକ୍ରମ




ସୁନାବେଡା,୧୮।୫(ସମିସ): ସୁନାବେଡା ମିଗ୍‌ନଗରୀ ସ୍ଥିତ ଭଞ୍ଜ ସଂସଦ ପକ୍ଷରୁ ସ୍ଥାନୀୟ ଭଞ୍ଜ ମଣ୍ଡପ ଠାରେ ସାରସ୍ୱତ ସମାରୋହ 'କାବ୍ୟାଞ୍ଜଳି ୨୦୨୬' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭଞ୍ଜ ସଂସଦର ସଭାପତି ସଞ୍ଜୟ କୁମାର ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ପ୍ରଦୋଷ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୁନାବେଡା ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ଦାଶ ସମ୍ମାନିତ ଅତିଥି ଏବଂ ବିଶିଷ୍ଟ ସାହିତ୍ୟିକା ଡ. ବିଦ୍ୟୁତ୍ ପ୍ରଭା ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବି ସୂର୍ଯ୍ୟ ବଳଦେବ ରଥଙ୍କ ଜୀବନୀ ଓ ଓଡ଼ିଆ ସାହିତ୍ୟକୁ ସେମାନଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦର ସାଧାରଣ ସମ୍ପାଦକ ସୁଦାମ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଦଣ୍ଡପାଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ଆସରକୁ ଡ.ଅଶୋକ କୁମାର ମହାନ୍ତି, ନିବେଦିତା ହରିଚନ୍ଦନ, ମଞ୍ଜୁତାଞ୍ଜଳି ସ୍ୱାଇଁ ସଂଯୋଜନା କରିଥିଲେ। ଏଥିରେ ତିରିଶରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସମାରୋହର ସାନ୍ଧ୍ୟକାଳୀନ ଅଧିବେଶନରେ ସଂସଦର କୁନି କୁନି କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ଏବଂ ସଞ୍ଜୟ ବିଷୋୟୀ ଓ ସନ୍ତୋଷ ସାହୁଙ୍କ ସଙ୍ଗୀତ ପରିବେଶକୁ ଋଦ୍ଧିମନ୍ତ କରିଥିଲା। ଏତଦ୍ ବ୍ୟତୀତ ଅମର ବାଡତ୍ୟାଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ "ବୋହୂ ରୀଲ୍ସ ବାଲି' ଦର୍ଶକ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। କାର୍ଯ୍ୟକ୍ରମରେ ସଂସଦର ବରିଷ୍ଠ କର୍ମକର୍ତ୍ତା ବିଘ୍ନେଶ ପ୍ରସାଦ ମିଶ୍ର, ଜୀତେନ୍ଦ୍ର ସେନାପତି, ମନୋଜ ପାତ୍ର, ବିଜୟ ପାତ୍ର, ଭାନି ପ୍ରସାଦ ନନ୍ଦ, ସଞ୍ଜୟ ନାୟକ,ରବୀନ୍ଦ୍ର ପ୍ରଧାନ, ଶଙ୍କର୍ଷଣ ବିଷୋୟୀ, ରାମକୃଷ୍ଣ ସାହୁ, ଧୀରେନ୍ ସାମଲ, ଅବିନାଶ ବେହେରା, ପ୍ରଭାତ ସେଠୀ, ଦେବିପ୍ରସାଦ ଖାଡେଙ୍ଗା, ରାଜେନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ବିଶ୍ୱାଳ, ରତ୍ନାକର, ଦୋଳ ଗୋବିନ୍ଦ, ଉମେଶ, ପ୍ରଭାତୀ ଗୌଡ଼, କୃଷ୍ଣ ସ୍ୱାଇଁ, କ୍ରୀତିକା ବାଡତ୍ୟା, ଦୀପ୍ତି ବେହେରା, ସିମାଞ୍ଚଳ ମହାରଣା, ଉପଦେଷ୍ଟା ଶେଖ୍ ଇବ୍ରାହିମ, ପ୍ରତାପ ପାତ୍ର, କାଲୁ ବେହେରା, ଜୟକୃଷ୍ଣ ପାଢ଼ୀ ଓ ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାବ୍ୟାଞ୍ଜଳି ୨୦୨୬ ସମାରୋହକୁ ପରିଚାଳନା କରିଥିଲେ।

**● ମାଲକାନଗିରି ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି**

# ବି.ଏଲ୍.ପୁରରେ ୨୮ ଅଭିଯୋଗର ସମୀକ୍ଷା



ମାଲକାନଗିରି, ୧୮।୫(ସମିସ): ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା କମାଇବା ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ମାଲକାନଗିରି ବ୍ଲକ ବି.ଏଲ. ପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଳାମଣି ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ରହି ସିଧାସଳଖ ଜନସାଧାରଣଙ୍କ ସହ ଯୋଡ଼ି ହୋଇଥିଲେ। ସେମାନେ ଲୋକଙ୍କ ବିଭିନ୍ନ ଗୁରୁତର ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଶୁଣିବା ସହିତ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳରୁ ସମୁଦାୟ ୨୮ ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା, ଯେଉଁଥିରେ ଗୋଟିଏ ବ୍ୟକ୍ତିଗତ ସମସ୍ୟା ଏବଂ ୨୭ଟି ଗ୍ରାମ୍ୟ ଭିତ୍ତିଭୂମି ଓ ସାମୂହିକ ସମସ୍ୟା ରହିଥିଲା। ଅଭିଯୋଗ ଶୁଣାଣି ସହ ଜିଲ୍ଲାପାଳ ସେଠାରେ ସରକାରୀ ସହାୟତା ପ୍ରଦାନ ପାଇଁ ଆୟୋଜିତ ହୋଇଥିବା ବିଭିନ୍ନ ବିଭାଗୀୟ କ୍ୟାମ୍ପ୍ ବୁଲି ଦେଖିଥିଲେ। ଏହି ଅବସରରେ ସେ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ସେମାନଙ୍କ ସୁବିଧା-ଅସୁବିଧା ବାବଦରେ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲାପାଳ ବି.ଏଲ.ପୁର ସ୍ଥିତ ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ସେଠାକାର ଭିତ୍ତିଭୂମି, ଶିଶୁମାନଙ୍କ ପାଇଁ ଥିବା ଖାଦ୍ୟପେୟ ଓ ସେବାର ସମୀକ୍ଷା କରିଥିଲେ। ବି.ଏଲ.ପୁର ସହିତ ଜିଲ୍ଲାର ଅନ୍ୟ ୬ଟି ପ୍ରମୁଖ ଗ୍ରାମ ପଞ୍ଚାୟତ ଯଥା ପଡିଆ, ସୋମନାଥପୁର, କଦମଗୁଡା, ବଡପଦର, କଟାପାଲ୍ଲୀ ଏବଂ ଗୋମ୍ପାକୋଣ୍ଡାରେ ମଧ୍ୟ ସମାନ୍ତରାଳ ଭାବେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସବୁ ପଞ୍ଚାୟତରେ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟାକୁ ନିକଟରୁ ବୁଝିବା ସହ ତୁରନ୍ତ ସମାଧାନ ପାଇଁ କାର୍ଯ୍ୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ନିଜ ବାର୍ତ୍ତାରେ କହିଛନ୍ତି ଯେ, ସରକାରୀ ଯୋଜନାର ସୁଫଳ ଯେପରି ପ୍ରତିଟି ଗ୍ରାମାଞ୍ଚଳର ଶେଷ ହିତାଧିକାରୀଙ୍କ ପାଖରେ ସ୍ୱଚ୍ଛତାର ସହ ପହଞ୍ଚିବ, ତାହା ଆମର ମୂଳ ଲକ୍ଷ୍ୟ। ପ୍ରଶାସନ ସବୁବେଳେ ଲୋକଙ୍କ ସେବାରେ ପ୍ରସ୍ତୁତ ଏବଂ ସାମୂହିକ ସମସ୍ୟା ଗୁଡ଼ିକର ସମୟସୀମା ମଧ୍ୟରେ ସ୍ଥାୟୀ ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ଦେଶୀ ବିହନ ସହ ଜୈବିକ ଚାଷ ସଚେତନତା ରାଲି




ରାୟଗଡ଼,୧୮।୫(ସମିସ): ରାୟଗଡ଼ ଜିଲ୍ଲାର ରାୟଗଡ ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମପଞ୍ଚାୟତର ପିଚୁଡି, ଉଦୟପୁର ଓ ଫୁଲକୋନା ଗ୍ରାମରେ ଶାଲାର ଫାଉଣ୍ଡେସନ ପକ୍ଷରୁ ଦେଶୀ ଧାନ ବିହନ ଚାଷ ଏବଂ ଜୈବିକ ପଦ୍ଧତିରେ କୃଷି ସମ୍ବନ୍ଧୀୟ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏହି ରାଲିର ମୂଳ ଉଦ୍ଦେଶ୍ୟ ଥିଲା କୃଷକମାନଙ୍କୁ ଦେଶୀ ବିହନର ସୁରକ୍ଷା, ଜୈବିକ ଚାଷର ଲାଭ ଏବଂ ରାସାୟନିକ ସାର ଓ କୀଟନାଶକର କୁପ୍ରଭାବ ସମ୍ପର୍କରେ ସଚେତନ କରିବା। କାର୍ଯ୍ୟକ୍ରମରେ ଶାଲାର ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇ ଦେଶୀ ଧାନ ବିହନର ଗୁରୁତ୍ୱ ଓ ଜୈବିକ କୃଷି ପ୍ରଣାଳୀର ଆବଶ୍ୟକତା ବିଷୟରେ କୃଷକମାନଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ ଯେ ଦେଶୀ ବିହନ ଆମ ପାରମ୍ପରିକ ସମ୍ପଦ ଏବଂ ଏହାକୁ ସୁରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ସଚେତନତା ରାଲିରେ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ରଞ୍ଜନ ମାଣ୍ଡାଙ୍ଗୀ, ନର୍ସି କୁଲେସିକା ଏବଂ ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟର୍ନ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେମାନେ ଗ୍ରାମରେ ଘରେ ଘରେ ଯାଇ ଲୋକମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ପ୍ରେରିତ କରିଥିଲେ। ଗ୍ରାମବାସୀ ଓ କୃଷକମାନେ ଏହି ରାଲିକୁ ସ୍ୱାଗତ କରିଥିବା ସହ ଭବିଷ୍ୟତରେ ଦେଶୀ ବିହନ ବ୍ୟବହାର କରି ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଶାଲାର ଫାଉଣ୍ଡେସନ ପକ୍ଷରୁ ଏପରି ସଚେତନତା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ଦେଇଥିଲେ ।

**● ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି**

# ୬୩ ଅଭିଯୋଗ ଶୁଣିଲେ ବିଡିଓ, ତହସିଲଦାର



କୋରୁକୋଣ୍ଡା,୧୮।୫(ସମିସ): ପ୍ରତ୍ୟେକ ସୋମବାର ପରି ଆଜି ମଧ୍ୟ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧୀନ ସୋମନାଥପୁର ଗ୍ରାମପଞ୍ଚାୟତ ବୈଠକ ଗୃହରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ, କୁଡୁମୁଲୁ ଗୁମା ତହସିଲ ଦାର କୃଷ୍ଣଚନ୍ଦ୍ର ଦାସ, ସରପଞ୍ଚ ମଞ୍ଜୁଳା ସୀସା, ବିଏସଏସଓ ରାଜେଶ କୁମାର ଗୌଡ, ଗ୍ରାମପଞ୍ଚାୟତ ଅଧିକାରୀ ଜୟଶ୍ରୀ ଜେନା, ରାଜସ୍ୱ ନିରିକ୍ଷକ ଅଧିକାରୀ ରୁଦ୍ର ପ୍ରସାଦ ଗୌଡ, ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀ, ବିଆରସି ସୁଖ ଚରଣ ମଣ୍ଡଲ, ବିପିସି ସୁବ୍ରତ ବିଶ୍ୱାସ, ଦାୟିତ୍ୱରେ ଥିବା ପଞ୍ଚାୟତ ତଥ୍ୟ ନିରିକ୍ଷକ ହିସାବ ରକ୍ଷକ ଶୁଭଙ୍କର ମଣ୍ଡଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମପଞ୍ଚାୟତ ଅଧୀନରେ ଥିବା ୧୫ ୱାର୍ଡ ମଧ୍ୟରେ ଥିବା ବିଭିନ୍ନ ଗ୍ରାମ, ପଡା ମଧ୍ୟରୁ ୬୩ ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୫୩ଗୋଟି ଅଭିଯୋଗ ସାମୂହିକ ହୋଇଥିବା ବେଳେ ଅବଶିଷ୍ଟ ୧୦ଗୋଟି ଅଭିଯୋଗ ବ୍ୟକ୍ତିଗତ। ମୋଟ ଅଭିଯୋଗ ମଧ୍ୟରୁ ମୋଟ ୩୫ ଗୋଟି ଅଭିଯୋଗର ସମାଧାନ ଅଧିକାରୀମାନେ ତୁରନ୍ତ କରିଥବା ବେଳେ ଅବଶିଷ୍ଟ ଅଭିଯୋଗ ଗୁଡିକ ଆଗାମୀ ଦିନରେ ତୁରନ୍ତ ସମାଧାନ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସାହୁଙ୍କ ସମେତ ଅଧିକାରୀ ମାନେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଟ୍ରକ୍ ଚକା ତଳକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ସେମିଳିଗୁଡ଼ା,୧୮।୫ (ସମିସ): ଟ୍ରକ୍ ଚକା ତଳକୁ ଡେଇଁ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରର ମୁଖ୍ୟ ଟ୍ରାଫିକ ଛକ ନିକଟରେ ସୋମବାର ଅପରାହ୍ନରେ ଘଟିଛି ଏହି ଘଟଣା। ସେମିଳିଗୁଡା ଥାନା ଅଧିକାରୀନୀ ଅନିତା କୁଜୁର ଠାରୁ ମିଳୁଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଉପର ଗାଦବା ସାହିର ପରଦେଶୀ ଆମ୍ବପଡିଆ(୨୪) କିଛି ଦିନ ହେଲା ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ। ସୋମବାର ଅପରାହ୍ନରେ ବସଷ୍ଟାଣ୍ଡ ମୁଖ୍ୟ ଟ୍ରାଫିକ ଛକ ନିକଟରେ ଏକ ଚଳନ୍ତା ଟ୍ରକ୍ ଆଗକୁ ସେ ଡେଇଁ ପଡିଥିଲେ। ଫଳରେ ଟ୍ରକ୍ ଚକାରେ ଚାପି ହୋଇ ସେ ପ୍ରାଣ ହରାଇଥିଲେ। ଘଟଣା ସ୍ଥଳରେ ସେମିଳିଗୁଡା ପୋଲିସ ପହଞ୍ଚ କରି ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଇଛି। ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତ ଯୁବକ ଜଣକ ସ୍ଥାନୀୟ ଉପର ଗାଦବା ସାହିର ଯାଇଥିବାରୁ ସାହିରେ ଦୁଃଖରେ ବାତାବରଣ ସୃଷ୍ଟି ହୋଇଛି। ସିସିଟିଭିରେ କ୍ୟାମେରାରେ ଯୁବକଙ୍କ ଆତ୍ମହତ୍ୟାର ଫୁଟେଜ ରେକର୍ଡିଂ ରହିଛି। ଏହି ଫୁଟେଜ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ମାଥିଲି,୧୮।୫ (ସମିସ) ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ଅନ୍ତର୍ଗତ ରାମାଗୁଡା ଗ୍ରାମର ଗୋପୀ ପୂଜାରୀଙ୍କ ପୁଅ ଦିଲ୍ଲୀପ ପୂଜାରୀ (୨୮) ବାଇକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଆଜି ଦିନ ୧୨ଟା ସମୟରେ ନିଜ ଘରୁ ବାଇକ୍ ଯୋଗେ ମାଥିଲି ଅଭିମୁଖେ ଆସିବା ସମୟରେ ଗୋବିନ୍ଦପାଲ୍ଲୀ-ସାଲିମି ରାସ୍ତା କେନ୍ଦୁଗୁଡା ଗ୍ରାମ ଝରାଖଲି ନିକଟରେ ଭାରସ୍ୟାମ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଫୋନ ପାଇଁ ଆମ୍ବୁଲାନ୍ସ ତୁରନ୍ତ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ଦିଲ୍ଲୀପକୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ମାଥିଲି ପୋଲିସ ଦୁର୍ଘଟଣା ଖବର ପାଇ ପିସିଆର ଭ୍ୟାନ ଯୋଗେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ହୋଇଥିବା ବାଇକଟିକୁ ଜବତ କରିଛି। ଦୁର୍ଘଟଣାର ଖବର ପାଇ ଦଳପତିଗୁଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଉମ୍ବୁ ନାୟକ, ଭୂମିଆ ସମାଜର ସଭ୍ୟ ସନିଆ ପୂଜାରୀ ଓ ଯୁ ନେତା ତଥା ମାଥିଲି ସଦର ସମିତି ସଭ୍ୟ ବାଲରାଜୁ କୋପେ ପହଞ୍ଚି ମୃତ ଯୁବକଙ୍କ ବାପା ଗୋପୀ ପୂଜାରୀଙ୍କୁ ଧରି ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକରିଣୀ ଦୀପାଞ୍ଜଳି ପ୍ରଧାନ ଲିଖିତ ଅଭିଯୋଗ ପାଇବା ପରେ ସଙ୍ଗେ ସଙ୍ଗେ ଥାନାର ଏଏସଆଇ ଦାମ ଚାଲାଣ ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ଚିକିତ୍ସାଳୟକୁ ପଠାଇ ଶବ ଜବତ କରିବା ସହିତ ୧୧୩/୦୨୬ ରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ରୁଜୁ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛି।

**ଷୋହଳ ଖଣ୍ଡ ଗୌଡ଼ ସମାଜର ନୂଆ କର୍ମକର୍ତ୍ତା ଚୟନ**

# ସମାଜ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ



ରାୟଗଡ଼ା,୧୮।୫(ସମିସ) ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକର ଷୋହଳ ଖଣ୍ଡ ଗୌଡ଼ ସମାଜର ନୂତନ କର୍ମକର୍ତ୍ତା ଚୟନ ବୈଠକ କୁମୁଡ଼ାବାଲି ବାଲୁଙ୍କେଶ୍ୱର୍ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମାଜର ବିକାଶ ଓ ସୁରକ୍ଷା ପାଇଁ ଗଠନମୂଳକ ଆଲୋଚନା କରାଯାଇଥିଲା। ମୁନିଗୁଡା ବ୍ଲକର କୋଣ ଅନୁକୋଣରୁ ଆସିଥିବା ସମାଜ ବନ୍ଧୁଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଶକ୍ତିଶାଳୀ କରିଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ଗୌଡ଼, ହରିଶ୍ଚନ୍ଦ୍ର ଗୌଡ଼, ପୂର୍ଣ୍ଣଚନ୍ଦ୍ର ଦୋରା, ଚନ୍ଦ୍ରଜିତ ଯାଦବ,ପ୍ରଭାକର ମହାଙ୍କୁଡ଼, ମୀନକେତନ ଗୌଡ଼, ସେସଦେବ ଗୌଡ଼ ହାଡିପା ଗୌଡ଼, କ୍ଷେତ୍ରମୋହନ ଗୌଡ଼ ବୁନା ଗୌଡ଼, ସାନ ଗୌଡ଼ ରାଧାକାନ୍ତ ଗୌଡ଼,ପ୍ରମୁଖ ଯୋଗଦେଇ ସମାଜର ଉନ୍ନତି ପାଇଁ ନିଜସ୍ୱ ମତାମତ ରଖିଥିଲେ। ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ମଣ୍ଡଳୀ ଚୟନ କରାଯାଇଥିଲା। ସଭାପତି ଭାବେ ରାମଚନ୍ଦ୍ର ଗୌଡ଼, ଉପସଭାପତି ଅର୍ଜିତ ଗୌଡ଼, ସଂପାଦକ ପ୍ରସାଦ ମହାଙ୍କୁଡ, ଉପ-ସଂପାଦକ ସାନ୍ତୁନୁ ଗୌଡ଼ ଓ କୋଷାଧ୍ୟକ୍ଷ ଭାବେ ବୁଦ୍ଧିଆ ଗୌଡ଼ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ମୁନିଗୁଡା ସଦର, ଅମ୍ବାଦଳା, ଡାଙ୍ଗସୋରଡ଼ା, ଜଗଦଳପୁର, ଆଗୁଳ ଓ ଭୈରବଗଡ଼ ପ୍ରମୁଖ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦୦ରୁ ଅଧିକ ଗୌଡ଼ ସମାଜ ବନ୍ଧୁ ଏକତ୍ରିତ ହୋଇ ବୈଠକରେ ଅଂଶଗ୍ରହଣ କରିଥିଲେ। ଶିବ ମନ୍ଦିରର ପବିତ୍ର ପରିବେଶରେ ସମାଜର ମେଳଣ ଏକ ନୂଆ ଶକ୍ତି ଓ ବିଶ୍ୱାସର ସଞ୍ଚାର କରିଥିଲା।ବୈଠକରେ ଗୌଡ଼ ସମାଜକୁ ଶିକ୍ଷା କ୍ଷେତ୍ରରେ କିପରି ଅଗ୍ରଣୀ କରାଯିବ, ଯୁବପିଢିଙ୍କୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ କରାଯାଇ ସମାଜକୁ ମୁଖ୍ୟସ୍ରୋତରେ ସାମିଲ କରାଯିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହାସହ କୂଳ ପରମ୍ପରା, ସଂସ୍କୃତି ଓ ସମାଜର ସୁରକ୍ଷା ଦିଗରେ ଆଗାମୀ ଦିନରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ନବନିର୍ବାଚିତ କର୍ମକର୍ତ୍ତାମାନେ ସମାଜ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ଭାବେ କାର୍ଯ୍ୟ କରିବେ ବୋଲି ସଂକଳ୍ପ ନେଇଥିଲେ। ଏହି ଚୟନ ବୈଠକ କେବଳ କର୍ମକର୍ତ୍ତା ବାଛିବା ନଥିଲା, ବରଂ ଏହା ଥିଲା ଷୋହଳ ଖଣ୍ଡ ଗୌଡ଼ ସମାଜର ଏକତା, ଭାଇଚାରା ଓ ସାମୂହିକ ଚେତନାର ଏକ ଜୀବନ୍ତ ପ୍ରତିଛବି। ଆଗାମୀ ଦିନରେ ସମାଜ ଶିକ୍ଷା, ସଂସ୍କୃତି ଓ ସେବା କ୍ଷେତ୍ରରେ ଏକ ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି ସମସ୍ତେ ଆଶାବାଦୀ ରହିଛନ୍ତି।

## ନିଆରା ପରମ୍ପରା 'ମୈତ୍ରୀ ମିଳନ' କାର୍ଯ୍ୟକ୍ରମ

# କର୍ତ୍ତନପାଲ୍ଲୀ ଗ୍ରାମବାସୀଙ୍କୁ ମେଣ୍ଡକୁଲିରେ ଅତିଥି ସତ୍କାର



ମାଥିଲି,୧୮।୫ (ସମିସ) ଆଦିବାସୀ ମାନଙ୍କ ନିଆରା ପରମ୍ପରା ଦୁଇ ଗ୍ରାମ ମଧ୍ୟରେ ମୈତ୍ରୀ ମିଳନ। ଏହି ନିଆରା ପମ୍ପରା ଆଜି ଠାରୁ ଆରମ୍ଭ ହୋଇ ତିନି ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ଆଜିର ଆଧୁନିକ ଯୁଗରେ ଭାଇ-ଭାଇ, ବାପ-ପୁଅ,ଭାଇ-ଭଉଣୀ ଓ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ରହୁ ନଥିବା ବେଳେ ଏଠି କିନ୍ତୁ ଦୁଇ ଆଦିବାସୀ ବହୁଳ ଏହି ଦୁଇ ଗ୍ରାମର ମିଳନ ଆଜିର ଯୁଗ ପାଇଁ ଏକ ଉଦାହରଣ ସାଜିଛି। ଏହି ପରମ୍ପରା ପ୍ରତି ଦୁଇ ବର୍ଷରେ ଥରେ ଗାଁର ମୁଖିଆ ମାନଙ୍କ ସହିତ ଗ୍ରାମର ଅବାଳ ବୃଦ୍ଧ ବନିତା ଏକତ୍ରୀତ ହୋଇ ନିମନ୍ତ୍ରିତ ହୋଇ ଆସନ୍ତି ଏବଂ ଗ୍ରାମର ଅବାଳ ବୃଦ୍ଧ ବନିତା ମୈତ୍ରୀ ଗ୍ରାମକୁ ଆସି ଦୀର୍ଘ ତିନି ଦିନ ରହିବା ପରେ ପୁଣି ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତି ଗୁଡା ପଞ୍ଚାୟତ ମେଣ୍ଡକୁଲି ଓ କାର୍ତ୍ତନପାଲ୍ଲୀ ପଞ୍ଚାୟତ ସଦର ଗ୍ରାମ ମଧ୍ୟରେ। ଆଦିବାସୀ ପରମ୍ପରା ଅନୁଯାୟୀ ମେଣ୍ଡକୁଲି ଗ୍ରାମ ମୁଖିଆ ହଳଧର ପୂଜାରୀଙ୍କ ସମେତ ଗ୍ରାମବାସୀ କର୍ତ୍ତନପାଲ୍ଲୀ ଗ୍ରାମକୁ ଯାଇ ଗାଁ ମୁଖିଆ ତ୍ରିନାଥ ଭୂମିଆ ଓ ଗ୍ରାମବାସୀଙ୍କୁ ମେଣ୍ଡକୁଲି ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରଣ ପାଇଁ କର୍ତ୍ତନପାଲ୍ଲୀ ଗାଁ ମୁଖିଆ ସମେତ ଗ୍ରାମର ଅବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ମେଣ୍ଡକୁଲି ଗ୍ରାମ ଠାରୁ ତିନି କିଲୋମିଟର ଦୂରରେ ଥିବା କେନ୍ଦୁଗୁଡା ଗ୍ରାମ ନିକଟରେ ପହଂଚିବା ପରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ମେଣ୍ଡକୁଲି ଗ୍ରାମ ମୁଖିଆ ଙ୍କ ସମେତ ଗ୍ରାମବାସୀ ମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ମୈତ୍ରୀ ଗ୍ରାମର ଲୋକ ମାନଙ୍କୁ ଆଦିବାସୀ ଢେମସା ନୃତ୍ୟ ଓ ବାଦ୍ୟରେ ତାଳେ ତାଳେ ଗ୍ରାମ ନିକଟକୁ ପାଛୋଟି ଆଣିଥିଲେ। ଗ୍ରାମ ନିକଟରେ ପହଞ୍ଚିବା ପରେ ଗ୍ରାମର ମହିଳା ମାନେ ମୈତ୍ରୀ ଗ୍ରାମରୁ ଆସିଥିବା ସମସ୍ତ ମହିଳା,ପୁରୁଷ,ଯୁବକ ଯୁବତୀ ମାନଙ୍କର ପାଦ ଧୋଇବା ପରେ ଗ୍ରାମ ମଧ୍ୟକୁ ପାଛୋଟି ନେଇଥିଲେ। ଏହି ମୈତ୍ରୀ ମିଳନ କାର୍ଯ୍ୟକ୍ରମ ଆଜି ଠାରୁ ତିନି ଦିନ ଧରି କାର୍ତ୍ତନପାଲ୍ଲୀ ଗ୍ରାମର ସମସ୍ତେ ରହିବା ଖାଇବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି। ଏହି ତିନି ଦିନ ଧରି ଦୁଇ ଗ୍ରାମ ମଧ୍ୟରେ ମହିଳା ପୁରୁଷ ଯୁବକ ଯୁବତୀ ମାନେ ଆଦିବାସୀ ମାନଙ୍କ ଢେମସା ନୃତ୍ୟ ସହ ପ୍ରତି ବିଳମ୍ବିତ ରାତ୍ରିରେ ଦେଶିଆ ନାଟକ ପରିବେଷଣ ପାଇଁ କାର୍ଯ୍ୟକ୍ରମ ରହିଛି ବୋଲି ମେଣ୍ଡକୁଲି ଗାଁ ମୁଖିଆ ଶ୍ରୀଯୁକ୍ତ ହଳଧର ପୂଜାରୀ ସୂଚନା ଦେଇଛନ୍ତି।

# ଗୁଡାରିରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଗୁଡାରି, ୧୮।୫ (ସମିସ): ଗୁଡରି ବ୍ଲକ ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକାରୀ ଗୋଷ୍ଟୁନର ବାର୍ଲା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍?ାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ଆଜି ମୋଟ ୩୧ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ଟି ୨୬ ବ୍ୟକ୍ତିଗତ,୦୫ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବା

### ୩୧ଟି ଅଭିଯୋଗରେ ଶୁଣାଣି

ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରାଙ୍କ ତତ୍ୱାବଧାନରେ ଅନୁଷ୍ଠୀତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତହସିଲଦାର ଆଡାଲା ସ୍ନେହଲତା ଗୁଡରି ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ ପ୍ରମୁଖ ଯୋଗ ଦେଇଥିଲେ।

# ଏନ୍‌ସିସି ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ ଶିବିର



### ● ଅଗ୍ନିଶମ ନିର୍ବାପନ ସଚେତନତା

ଜୟପୁର, ୧୮ ।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଏନସିସି ଛାତ୍ରଛାତ୍ରୀଙ୍କ ଏଟିସି କ୍ୟାମ୍ପର ଦ୍ୱିତୀୟ ଦିବସରରେ ଅଗ୍ନିନିର୍ବାପନ ସଚେତନତା ଓ ପ୍ରଶିକ୍ଷଣ କାର୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସହକାରୀ ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ ଏବଂ ବିଭାଗିୟ କର୍ମଚାରୀ ମାନେ ଏନସିସି ଛାତ୍ରଛାତ୍ରୀଙ୍କୁ ଅଗ୍ନିକାଣ୍ଡ ସମୟରେ କିପରି ସତର୍କ ରହିବା ଓ ତୁରନ୍ତ ପଦକ୍ଷେପ ଏବଂ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ନେଇ ବିଭିନ୍ନ ଯନ୍ତ୍ର ପ୍ରଦର୍ଶନ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅଗ୍ନିନିର୍ବାପନ ଯନ୍ତ୍ରର ସଠିକ ବ୍ୟବହାର, ଗ୍ୟାସ ସିଲିଣ୍ଡର ଜନିତ ଅଗ୍ନିକାଣ୍ଡ ନିୟନ୍ତ୍ରଣ, ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଲାଗୁଥିବା ନିଆଁରୁ ସୁରକ୍ଷା ଓ ଆପତକାଳୀନ ପରିସ୍ଥିତିରେ ଲୋକଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ବୋଲି ବିଶ୍ୱବିଦ୍ୟାଳୟର ଏନସିସି ଅଧିକାରୀ କ୍ୟାପଟେନ ଡ. ଲକ୍ଷ୍ମଣ ପାତ୍ର ସୂଚନା ଦେଇଛନ୍ତି।

# ମହିଳାଙ୍କ ଚକ୍ଷୁଦାନକୁ ସ୍ୱୀକୃତି ଦେଲେ ପରିବାର





ରାୟଗଡ, ୧୮।୫ (ସମିସ): ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ସ୍ତ୍ରୀଙ୍କ ଚକ୍ଷୁ ଦାନ ପାଇଁ ସ୍ୱୀକୃତୀ ଦେଇଛନ୍ତି ସ୍ୱାମୀ । ପତ୍ନୀ ପଦ୍ମା ଜାନାଙ୍କ ଚକ୍ଷୁରେ ଅନ୍ୟ ଜଣେ ଦୃଷ୍ଟିହୀନ ବ୍ୟକ୍ତି ଦୁନିଆଁ ଦେଖିପାରିଲେ ତାଙ୍କର ମୃତ ପତ୍ନୀଙ୍କ ଆତ୍ମା ଅମର ହୋଇଯିବ ବୋଲି ସ୍ୱାମୀ ପ୍ରକାଶ କରିଛନ୍ତି। ସେ ବଞ୍ଚିଥିବା ସମୟରେ ସବୁବେଳେ ଦାନଧର୍ମ କରୁଥିଲେ। ଏପରିକି ଭୋକିଲା ଲୋକଙ୍କ ଦେଖିଲେ ବିଚଳିତ ହୋଇ ତାଙ୍କୁ ପେଟ ପୁରା ଖାଇବା ଦେଇ ଛାଡୁଥିଲେ ବୋଲି ସ୍ୱାମୀ ମାଲେସୁ କହିଥିଲେ। ତେଣୁ ପରିବାର ଲୋକେ ସାପ କାମୁଡି ମୃତ୍ୟୁ ବରଣ କରିଥିବା ପଦ୍ମାର ଚକ୍ଷୁ ଦାନ ପାଇଁ ସ୍ୱୀକୃତି ଦେଇ ସମାଜରେ ପ୍ରଶଂସିତ ହୋଇପାରିଛନ୍ତି। ସୂଚନା ଅନୁଯାୟୀ, ରାୟଗଡ ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୁମୁଡା ଗ୍ରାମର ଜାନା ମାଲେସୁ ଏବଂ ତାଙ୍କ ସ୍ତ୍ରୀ ଜାନାପଦ୍ମା ରାତିରେ ଘରେ ଶୋଇଥିବାବେଳେ ପଦ୍ମାଙ୍କୁ ରାତି ପ୍ରାୟ ୨ଟାରେ ସାପ କାମୁଡ଼ିବାରୁ ସ୍ୱାମୀ ମାଲେସୁ ତାଙ୍କୁ ବାଇକ ଯୋଗେ ନିକଟସ୍ଥ ପଦ୍ମପୁରେ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରି ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଥିଲେ। ରାୟଗଡ ମେଡିକାଲରେ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ସେଠାରେ କାର୍ଯ୍ୟରତ ଏଲ ଭି ପ୍ରସାଦ ଆଇ ହସ୍ପିଟାଲର ଭୁବନେଶ୍ୱରର ଜଣେ ଟେକ୍ନିସିଆନ ବିଜୟ ବଳ ପରିବାର ସଦସ୍ୟଙ୍କ ସହ ମୃତ ପଦ୍ମାଙ୍କ ଚକ୍ଷୁ ଦାନ ପାଇଁ ନିବେଦନ କରିବା ନେଇ ବୁଝାସୁଝା କରିଥିଲେ। ରାୟଗଡ ମେଡିକାଲରେ ଉପସ୍ଥିତ ମୃତ ପଦ୍ମାଙ୍କ ସ୍?ାମୀ ମାଲେସୁ ,ପୁଅ ସୁଧୀର ଜାନା, ପଦ୍ମାଙ୍କ ବଡ଼ ଭାଇ ସମସ୍ତେ ଏକ ମତ ହୋଇ ମୃତ ପଦ୍ମାଙ୍କ ଚକ୍ଷୁ ଦାନ ପାଇଁ ସ୍ୱୀକୃତି ଦେଇଥିଲେ। ଗୁମୁଡା ପୁଲିସ ରାୟଗଡ ମେଡିକାଲରେ ପହଞ୍ଚି ତଦନ୍ତ କରି ଶବ ବ୍ୟବଛେଦ ପାଇଁ ବ୍ୟବସ୍ଥା କରିଥିଲେ। ଅପର ପକ୍ଷରେ ଶବ ବ୍ୟବଛେଦ ସମୟରେ ମୃତ ପଦ୍ମାର ଚକ୍ଷୁରୁ ସ୍ୱଚ୍ଛପଟଳ କାଢ଼ି ତାକୁ ସୁରକ୍ଷିତ ବ୍ୟବସ୍ଥାରେ ନେଇ ଭୁବନେଶ୍ୱର ସ୍ଥିତ ଏଲ ଭି ପ୍ରସାଦ ଆଇ ହସ୍ପିଟାଲର ଭୁବନେଶ୍ୱରର ଆଇ ବ୍ୟାଙ୍କରେ ରଖାଯିବ ବୋଲି ଟେକ୍ନିସିଆନ ବିଜୟ ବଳ କହିଥିଲେ। ଆଗକୁ ଏଭଳି ଅନେକ ଲୋକ ଆସି ଚକ୍ଷୁ ଦାନ କରିଲେ ସମାଜରେ ଆଉ ଦୃଷ୍ଟିହୀନଙ୍କ ସଂଖ୍ୟା କମାଇ ପାରିବା ବୋଲି ଏଲ ଭି ପ୍ରସାଦ ଆଇ ହସ୍ପିଟାଲର ବରିଷ୍ଠ କର୍ମକର୍ତା ପ୍ରକାଶ କରିଛନ୍ତି।

### ● ଗର୍ଭବତୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ପରିବାର



କଲ୍ୟାଣସିଂହପୁର,୧୮।୫(ସମିସ): ପାଞ୍ଚ ମାସ ଗର୍ଭବତୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ। ପରିବାର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ। ଏଭଳି ଏକ ଦୁଖଃଦ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର ବେଳକଣା ଗାଁରେ। ଅଭିଯୋଗ ଅନୁଯାୟୀ ମୃତ ରଞ୍ଜିତା ନେମାଲପୁରୀ ଗତ ଦୁଇବର୍ଷ ତଳେ ବେଳକଣା ଗ୍ରାମର ପଙ୍କଜ ନେମାଲପୁରୀ ୩୧ ବୟସଙ୍କୁ ବିବାହ କରିଥିଲେ। ଏତଲା ଅନୁସାରେ କାଲି ରାତିରେ ଭାଇଙ୍କୁ ଘରେ ଝଗଡା ହେଉଥିବା ସମ୍ପର୍କରେ ୧୫ ତାରିଖରେ ଫୋନ ମାଧ୍ୟମରେ ସେ ଜଣାଇ ଥିଲେ। ପୁଣି ୧୬ ତାରିଖ ରାତିରେ ଜଣାଇଲା ଯେ ଭାଇ ମୁଁ ଆଉ ମୋ ସ୍ୱାମୀର ସ୍ତ୍ରୀ ହୋଇ ରହି ପାରିବି ନାହିଁ। ଗତକାଲି ଜ୍ୱାଇଁ ପଙ୍କଜ ଫୋନରେ ପ୍ରଥମେ କହିଥିଲେ ଯେ ତୁମ ଭଉଣୀ ଦେହ ଭଲ ନାହିଁ ଶିକରପାଇ ମେଡିକଲକୁ ନେଉଛି। ପୁଣି ଫୋନ ଆସିଲା, ତୁମ ଭଉଣୀ ମରିଯାଇଛି। ଏଣୁ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କଲ୍ୟାଣସିଂହପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଥାନା ଅଧିକାରୀ କଳ୍ପନା ବେହେରା ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି।

# କବି ସୁଶାନ୍ତ ନାୟକଙ୍କ କବିତା ପୁସ୍ତକ ଲୋକାର୍ପିତ




ରାୟଗଡ,୧୮।୫(ସମିସ): ରାୟଗଡ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ ଠାରେ ଅନୁଷ୍ଠିତ ନିଦାଘ ମହୋତ୍ସବର ମୁଖ୍ୟ ଅତିଥି ତଥା ଦୈନିକ ସମାଜର ପ୍ରକାଶକ ରାଜେନ୍ଦ୍ର କୁମାର ଜେନାଙ୍କ ଦ୍ୱାରା କବି ସୁଶାନ୍ତ କୁମାର ନାୟକଙ୍କ କବିତା ପୁସ୍ତକ 'ପ୍ରତ୍ୟୟର ପ୍ରତିଶୃତି ' ଲୋକାର୍ପିତ ହୋଇଯାଇଛି। କବି ସୁଶାନ୍ତ ନାୟକଙ୍କ କାବ୍ୟ ନାୟକ କେବେ ଭସା ମେଘର ଛାଇରେ ଥକା ମାରିଚି ତ ଆଉ କେବେ ଝରଣାର ଝୋଟିରେ ଭିଟାମାଟିର ମହକ ଖୋଜିଚି ବୋଲି ମୁଖ୍ୟ ଅତିଥି ଶ୍ରୀ ଜେନା ପ୍ରକାଶ କରି କବି ସୁଶାନ୍ତଙ୍କ କାବ୍ୟ ପ୍ରତିଭାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଡ. ଦୁଷ୍ମନ୍ତ କୁମାର ମହାନ୍ତି ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ରାଜେଶ କୁମାର ପାଢ଼ୀ, ଶିବ ପ୍ରସାଦ ମିଶ୍ର, ନୀଳମଣି ପାଟଯୋଶୀ, ଗୀତଶ୍ରୀ ପ୍ରିୟମ୍ବଦା ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ପ୍ରାଣକୃଷ୍ଣ ପାଣିଗ୍ରାହୀ, ଅକ୍ଷୟ କୁମାର ଦାସ, ଡ଼ ପ୍ରୀତିଧାରା ସାମଲ, ରବି ଶତପଥି, ଡ଼ ପ୍ରଦୀପ କୁମାର ମିଶ୍ର, ସୁଶାନ୍ତ ଦାଶ, ବିଦେଶୀ ନାୟକ, ଅମିତାଭ ଖିଲାର, ନୀଳଲୋହିତ ମହାପାତ୍ର, ଭୁବନ ମୋହନ ମହାନ୍ତି, ଶିବାଶିଷ କର,ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ଅଶୋକ ମିଶ୍ର,ରାକେଶ ପାଢ଼ୀ,ଜଗଦୀଶ ଦୋରା, ଡ଼ ପ୍ରସନ୍ନ ଗନ୍ତାୟତ, ଡ. ଅର୍ଚ୍ଚନା ପଟନାୟକ ପ୍ରଭୃତି ଯୋଗ ଦେଇଥିଲେ।

# ନକଲି ଦେଶୀ ମଦ ଜବତ

କୁଡୁମୁଲୁଗୁମ୍ମା,୧୮।୫ (ସମିସ), ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଦେଶୀ ମଦ ଭାଟି ନିକଟରେ ଗୋଟିଏ ଅଟୋ ରେଜିଷ୍ଟ୍ରେସନ ନମ୍ବର ଓଡ଼ି ୧୦ୱାଇ ୮୦୫୧ ଯୋଗେ ବାଲିମେଳା ଭାଟିରୁ କୁଡୁମୁଲୁଗୁମ୍ମା ଦେଶୀ ଭାଟିରେ ଅନ୍‌ଲୋଡ କରିବାକୁ ଆସିଥିବା ବେଳେ କିଛି ସ୍ଥାନୀୟ ବାସିନ୍ଦା ଉକ୍ତ ବିଷୟରେ ପୁଲିସକୁ ସୁଚନା ଦେଇଥିଲେ। ସୂଚନା ମୁତାବକ ଓର୍କେଲ ଥାନାର ସେକେଣ୍ଡ ଅଫିସର ଅଜିତ ସିଂ ବରିହାଙ୍କ ସହିତ କୁଡୁମୁଲୁଗୁମ୍ମା ପୁଲିସ ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଟୋକୁ ଫାଣ୍ଡିକୁ ଆଣିବା ସହିତ ସମସ୍ତ ନକଲି ଦେଶୀ ମଦ ପ୍ୟାକେଟ ଗୁଡିକୁ ଜବତ କରିଥିଲେ। ୧୫ ଗୋଟି ଜରିବସ୍ତା ମଧ୍ୟରେ ପାଖାପାଖି ୩୦୦୦ ପାଉଚ ଯାହା ମଧ୍ୟରେ ୬୦୦ ଲିଟର ଦେଶୀ ମଦ ଜବତ ବିଷୟରେ ପୁଲିସ ସୂଚନା ଦେଇଥିଲେ। ଏହି ମଦ ପାଉଚ ଗୁଡିକରେ କୌଣସି ଲାଇସେନ୍ସ ପ୍ରାପ୍ତ ମଦର ସିଲ କିମ୍ବା ଲୋଗ ନଥିଲା ବେଳେ ଏହା ସମ୍ପୂର୍ଣ୍ଣ ଭାବରେ ନକଲି ମଦ ବୋଲି ବିବେଚନା କରାଯାଉଛି। ଯାହା ଲ୍ୟାବ୍ ପରୀକ୍ଷଣ ପରେ ହିଁ ନକଲି କି ଅସଲି ଜଣାପଡ଼ିବ। ପୋଲିସ ବର୍ତ୍ତମାନ ସୁଧା ଅଟୋ ଡ୍ରାଇଭର ରୋହିତ ଖରା ଓ କୁଡୁମୁଲୁଗୁମ୍ମା ଦେଶୀମଦ ଭାଟିର ସେଲ୍ସ ମ୍ୟାନ ଅଶୋକ ପାଶୱାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ପୂର୍ବ ଶତ୍ରୁତାରୁ ଜଣଙ୍କୁ ହତ୍ୟା, ଦୁଇ ଗିରଫ



ରାୟଗଡ/କୋଲନରା,୧୮।୫(ସମିସ): ରାୟଗଡ ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ କାଟିକଣା ପଞ୍ଚାୟତର ତୋଟାଗୁଡା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣଙ୍କୁ ହତ୍ୟା କରାଯାଇଛି। ହତ୍ୟା ପରେ ମୃତଦେହକୁ ରୁପୁଣି ଓ ତୋଟାଗୁଡା ମଝିରେ ଥିବା ପାହାଡ଼ ତଳେ ପୋତି ଦିଆଯାଇଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ତହସିଲଦାର ତଥା ଏକଜ୍ଯୁଟିଭ ମାଜିଷ୍ଟ୍ରେଟ, ପୋଲିସ, ସାଇଣ୍ଟିଫିକ ଟିମ୍, ଡାକ୍ତରୀ ଟିମଙ୍କ ଉପସ୍ଥିତିରେ ପୋତା ଯାଇଥିବା ମୃତ ଦେହକୁ ଆଜି ଉଦ୍ଧାର କରି ବ୍ୟବଚ୍ଛେଦ କରାଯାଇଛି। ହତ୍ୟାକାଣ୍ଡ ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ତୋଟାଗୁଡା ଗ୍ରାମର କାଳିଆ ମାଣ୍ଡାଙ୍ଗି (୫୩) ଏବଂ ଅଭିଯୁକ୍ତ ଦ୍ୱୟ ସିନାରାଓ କଲକା (୨୫) ଓ ମିଥୁନ କଲକା (୨୦) ଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ତେବେ ଗତ ୯ ତାରିଖ ଦିନ କାଳିଆ କୌଣସି କାମରେ ରୁପୁଣି ଯାଇ ଫେରୁଥିବା ସମୟରେ ରୁପୁଣି ଓ ତୋଟାଗୁଡା ମଝିରେ ସେମାନଙ୍କ ମୁହାମୁହିଁ ଭେଟ ହୋଇଥିଲା। ସେଠାରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡା ହୋଇଥିଲା। ସେତିକିରେ ଉତ୍କ୍ଷିପ୍ତ ହୋଇ ସିନାରାଓ ଓ ମିଥୁନ ମିଶି କାଳିଆକୁ ହତ୍ୟା କରିଥିଲେ। ହତ୍ୟା ପରେ ଘଟଣାକୁ ଚପାଇ ଦେବାକୁ କାଳିଆର ମୃତ ଦେହକୁ ନେଇ ପାହାଡ଼ରେ ପୋତି ଦେଇଥିଲେ ଅଭିଯୁକ୍ତ। ତେବେ ଘରକୁ ବାପା କାଳିଆ ନ ଫେରିବାରୁ ନିଜ ବାପାର ନିଖୋଜ ସମ୍ପର୍କରେ ପୁଅ ବିଜାରାଓ ମାଣ୍ଡାଙ୍ଗି ମୁକୁନ୍ଦପୁର ଫାଣ୍ଡିରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ଫାଣ୍ଡି ଅଧିକାରୀ ଉମାଶଙ୍କର ତ୍ରିପାଠୀ ଘଟଣା ସମ୍ପର୍କରେ ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କୁ ଅବଗତ କରିଥିଲେ। ସୂଚନା ପାଇ ପୁଲିସ, ସାଇଣ୍ଟିଫିକ୍ ଟିମ୍, ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରାରମ୍ଭିକ ତଦନ୍ତ ଓ ପ୍ରମାଣ ଆଧାରରେ ଦୁଇ ଜଣ ଅଭିଯୁକ୍ତ ସିନାରାଓ ଓ ମିଥୁନଙ୍କୁ ଗିରଫ କରାଯାଇଛି। ଏକଜ୍ଯୁଟିଭ ମାଜିଷ୍ଟ୍ରେଟ ଭବାନୀ ଶଙ୍କର ପ୍ରସାଦ ମିଶ୍ର, ଉପରାଜସ୍ୱ ନୀରିକ୍ଷକ ସିଦ୍ଧେଶ ପଣ୍ଡା ଓ ପିଇଓ ଯୋଗେଶ ପେଦେଣ୍ଟିଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ ବ୍ୟକ୍ତିର ପରିବାରକୁ ହସ୍ତାନ୍ତର କରିଥିଲେ।

# 'ଆର୍ଟ ଅଫ୍ ଗିଭିଂ'ର ପ୍ରତିଷ୍ଠା ଦିବସ




ମାଲକାନଗିରି୧୮ ।୫(ସମିସ): କିଟ୍, କିସ୍ ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା ପୂର୍ବତନ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆଜି ପ୍ରତିଷ୍ଠିତ ଅନ୍ତର୍ଜାତୀୟ "ଆର୍ଟ ଅଫ୍ ଗିଭିଂ ଡେ'ର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲା ସଦରରେ ଥିବା ଆଓମା ଗୁରୁକୁଳରେ ପାଳିତ ହୋଇଯାଇଛି। ଏହି ଅବସରରେ ମାଲକାନଗିରି ଜିଲ୍ଲାର ୭ଟି ବ୍ଲକ୍‌ର ପ୍ରାୟ ୧୧୧ଟି ଗ୍ରାମପଞ୍ଚାୟତରେ ମଧ ଏହି ସେବା ଦିବସ ବେଶ୍ ଉତ୍ସାହର ସହ ପାଳନ କରାଯାଇଛି। ଚଳିତ ବର୍ଷର ଆର୍ଟ ଅଫ୍ ଗିଭିଂର ମୁଖ୍ୟ ବିଷୟବସ୍ତୁ ସେୟାର୍ ଟୁ ସାଇନ୍ ରହିଥିଲା। ଅର୍ଥାତ୍ ଅନ୍ୟକୁ କିଛି ଦେଇ ନିଜେ କିଭଳି ସମାଜରେ ଉଜ୍ଜ୍ୱଳ ହେବା ତାହା ହିଁ ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଓ ସମାଜସେବୀ ଯୋଗଦେଇ ଡ. ଅଚ୍ୟୁତ ସାମନ୍ତଙ୍କ ଏହି ଅନନ୍ୟ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ସରକାରୀ ଓକିଲ ତଥା ପୂର୍ବତନ କଞ୍ଜୁମୋର କୋର୍ଟ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ମାଲକାନଗିରି ବନପାଳ ରମେଶ ରାଉତ, ବରିଷ୍ଠ ସାମ୍ବାଦିକ ଦେବବ୍ରତ ସାନା ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ସଂଯୋଜକ ରମ୍ୟ ରଞ୍ଜନ ପରିଡ଼ା, ସହ ସଂଯୋଜକ ଉତ୍ତମ ସାହା, ସୁଶାନ୍ତ ସାମଲ, ବିନାଶ ମିଶ୍ର, ଶ୍ୟାମ ସୁନ୍ଦର ନାୟକ, ପ୍ରସାଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## 'ଜନ ଭାଗିଦାରୀ- ସବୁଠାରୁ ଦୂର, ସର୍ବପ୍ରଥମେ' କାର୍ଯ୍ୟକ୍ରମ

# ଜିଲ୍ଲାର ୫୨୫ ଗାଁ ହେବ ଅନ୍ତର୍ଭୁକ୍ତ



ରାୟଗଡ,୧୮।୫(ସମିସ): ଭାରତ ସରକାରଙ୍କ ଜନଜାତି କାର୍ଯ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଦେଶବ୍ୟାପି ଆଇଇସି ଅଭିଯାନ 'ଜନ ଭାଗିଦାରୀ-ସବୁଠାରୁ ଦୂର,ସର୍ବପ୍ରଥମେ' ରାୟଗଡ ଜିଲ୍ଲାରେ ଆଜି ଠାରୁ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ପାଳନ କରାଯିବ ବୋଲି ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଏହି ଅଭିଯାନର ଉଦ୍ଦେଶ୍ୟ ହେଲା ଜନଜାତି ଓ ପିଭିଟିଜି ଅଂଚଳରେ ସଚେତନତା ସୃଷ୍ଟି କରିବା ସହ ଜନ୍ମ ପ୍ରମାଣ ପତ୍ର ଓ ଆଧାର କାର୍ଡ ଶିବିର ସମେତ ହିତାଧିକାରୀ ସନ୍ତୃପ୍ତି ଶିବିର ଆୟୋଜନ କରିବା। ବିଶେଷ କରି ଜନଜାତି ସମ୍ପ୍ରଦାୟର ସଶକ୍ତିକରଣ,ଜନଜାତି ଐତିହ୍ୟର ସମୃଦ୍ଧି ଓ ଜନଜାତି ଅଧିକାର ସୁନିଶ୍ଚିତ କରିବା। ଏହି କାର୍ଯ୍ୟକ୍ରମ ଅଧୀନରେ ରାୟଗଡ ଜିଲ୍ଲାର ମୋଟ ୫୨୫ଟି ଗାଁକୁ ଅନ୍ତର୍ଭୁକ୍ତ କରାଯିବାକୁ ଥିବା ବେଳେ ଏଥିରେ ଧରତି ଅବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନା ଅଧିନରେ ୪୨୦ଟି ରାଜସ୍ୱ ଗାଁ ଓ ପିଏମ ଜନମନ ଅଧିନରେ ୧୦୫ଟି ରାଜସ୍ୱ ଗାଁ ରହିଛି। ଏହି ଅଭିଯାନ ମାଧ୍ୟମରେ ଦୁର୍ଗମ ଓ ଅପହଂଚ ଜନଜାତି ଅଂଚଳରେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁବିଧା ଯୋଗ୍ୟ ହିତାଧିକାରୀଙ୍କ ପାଖକୁ ପହଞ୍ଚାଇବାକୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ବିଡିଓମାନଙ୍କୁ ନିଜ ନିଜ ବ୍ଲକରେ ସମସ୍ତ ବିଭାଗର ସମନ୍ୱୟନରେ ଏହି ଅଭିଯାନ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯାନ ସମୟରେ ସମସ୍ତ ଗ୍ରାମଗୁଡିକରେ ଗ୍ରାମସଭା,ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜନଜାତି ଭାଷାରେ ସଚେତନତାମୂଳକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ସେହିପରି ଚିହ୍ନଟ ହୋଇଥିବା ସମସ୍ତ ଗାଁରେ ହିତାଧିକାରୀ ସନ୍ତୃପ୍ତି ଶିବିର ଆୟୋଜିତ ସହ ପ୍ରତିଦିନ ଆଦି ପ୍ରଶାସନ ପୋର୍ଟାଲରେ କାର୍ଯ୍ୟକ୍ରମର ଫୋଟୋ ଓ ଭିଡିଓ ଅପଲୋଡ କରାଯିବା ସହ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ,ଯୋଜନା ବିବରଣୀ ଓ ଶିବିର ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ସମସ୍ତ ପୋର୍ଟାଲ ଅପଲୋଡ ଓ ଡକ୍ୟୁମେନଟେସନ କାର୍ଯ୍ୟର ନିରୀକ୍ଷଣ ପାଇଁ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ ଗୁଣପୁରଙ୍କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ବିଡିଓ ଏନେଇ ପୋର୍ଟାଲରେ ଦୈନିକ ପ୍ରଗତି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲାପାଳ କହିଥିବା ବେଳେ ଏହି ଅଭିଯାନ ମାଧ୍ୟମରେ ରାୟଗଡ ଜିଲ୍ଲାର ଜନଜାତି ଅଂଚଳରେ ସଚେତନତା, ଲୋକଙ୍କ ଭାଗିଦାରୀ ଓ ସରକାରୀ ଯୋଜନା ସୁବିଧାରେ ପହଞ୍ଚାବାରେ ସହାୟତା ମିଳିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାୟଗଡ ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ସାମଲ,ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରିଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

